# ଜିଲ୍ଲା ରୂପରେଖ




ଦିଗନ୍ତ ବିସ୍ତାରି ଶ୍ୟାମଳିମା, ନଦୀନାଳମାନଙ୍କ ଛନ୍ଦମୟ ପଥ ତଥା ବିଭିନ୍ନତା ଭରା ଜୀବଜଗତ ଓ ଉଦ୍ଭିଦ ଜଗତ କେନ୍ଦ୍ରାପଡା ଜିଲ୍ଲାର ବୈଶିଷ୍ଟ । ଏହି ଜିଲ୍ଲା ୧୯୯୩ ମସିହା ଏପ୍ରିଲ ମାସ ୧ ତାରିଖ ଦିନ ତତ୍କାଳୀନ କଟକ ଜିଲ୍ଲାରୁ ବିଭକ୍ତ ହୋଇ ଏକ ସ୍ଵତନ୍ତ୍ର ଜିଲ୍ଲା ରୂପରେ ଆତ୍ମପ୍ରକାଶ କରିଥିଲା ।

ଓଡିଶାର ଉପକୂଳ ଅଞ୍ଚଳ ହେତୁ ବର୍ଷା ଋତୁରେ ମୌସୁମୀ ବାୟୁ ପ୍ରଭାବରୁ ଏହି ଜିଲ୍ଲା ପ୍ରାୟତଃ ଝଡବାତ୍ୟାର ସାମନା କରିଥାଏ । ଏହି ଜିଲ୍ଲାର ଭୌଗଳିକ ଅବସ୍ଥିତି, ପ୍ରାକୃତିକ ତଥା ସାମୁଦ୍ରିକ ପରିବେଶର ବିଭିନ୍ନତା, ମହାନଦୀ ତଥା ବ୍ରାହ୍ମଣୀ-ବୈତରଣୀ ନଦୀମାନଙ୍କ ତ୍ରିକୋଣ ଭୂମି, ବିଭିନ୍ନ ଦୁଷ୍ପ୍ରାପ୍ୟ, ଦୁର୍ଲଭ ଜୀବଜନ୍ତୁ, ସରୀସୃପ ତଥା ଜଳଜୀବମାନଙ୍କ ଉପସ୍ଥିତି ଏହି ଜିଲ୍ଲାର ସ୍ଵାତନ୍ତ୍ର୍ୟ ବହନ କରିଛି

ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ

| | |
|---|---|
| ସମୁଦାୟ ଜନସଂଖ୍ୟା | ୧୪,୪୦,୩୬୧ |
| ସମୁଦାୟ ପୁରୁଷ ଜନସଂଖ୍ୟା | ୭,୧୭,୮୧୪ |
| ସମୁଦାୟ ମହିଳା ଜନସଂଖ୍ୟା | ୭,୨୨,୫୪୭ |
| ଆୟତନ (ବର୍ଗ କିଲୋମିଟର) | ୨୬୪୪ |
| ଜନସଂଖ୍ୟା ଘନତ୍ଵ | ୫୪୫ |
| ଓଡିଶାର ସମୁଦାୟ ଜନସଂଖ୍ୟାର ଅଂଶ | ୩.୪୩ |
| ଲିଙ୍ଗ ଅନୁପାତ | ୧୦୦୭ |
| ହାରାହାରି ଶିକ୍ଷିତ ଅନୁପାତ | ୮୫.୧୫ |
| ସମୁଦାୟ ଶିକ୍ଷିତ ଜନସଂଖ୍ୟା | ୧୦,୮୯,୨୬୫ |
| ଶିକ୍ଷିତ ପୁରୁଷ ଜନସଂଖ୍ୟା | ୫,୭୯,୯୭୦ |
| ଶିକ୍ଷିତ ମହିଳା ଜନସଂଖ୍ୟା | ୫,୦୯,୨୯୮ |